# NATIONAL NEWS BULLETIN (ODIA)
## 14 June - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଇଟାଲିର ଅପୁଲିଆରେ **G-7** ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଶ୍ୱ ନେତୃବୃନ୍ଦଙ୍କ ସହ ଦ୍ୱିପକ୍ଷିୟ ବୈଠକରେ ସାକ୍ଷାତ ଆଲୋଚନା କରିଛନ୍ତି ।
- ନିଟ୍ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।
- କୋଚିନ୍ ବିମାନ ବନ୍ଦରରେ ପହଞ୍ଚିଲା କୁଏତ୍ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୪୫ ଜଣ ଭାରତୀୟଙ୍କ ମୃତ ଦେହ ।
- ଆଜିଠାରୁ ଆରମ୍ଭ ହେଲା ପବିତ୍ର ହଜ୍ ଯାତ୍ରା ।

ଏବଂ

- ସିକ୍କିମ୍‌ରେ ବର୍ଷା ବିପର୍ଯ୍ୟୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ ।

# ପିଏମ୍

ଇଟାଲିର ଅପୁଲିଆରେ **G-7** ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଶ୍ୱ ନେତୃବୃନ୍ଦଙ୍କ ସହ ଦ୍ୱିପକ୍ଷିୟ ବୈଠକରେ ସାକ୍ଷାତ ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ ଆଜି ଅପରାହ୍ଣରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କୁ ଭେଟିଥିଲେ । ଦୁଇ ନେତାଙ୍କ ମଧ୍ୟରେ ପ୍ରତିରକ୍ଷା, ପରମାଣୁ, ମହାକାଶ, ଶିକ୍ଷା, ଜଳବାୟୁ, ଡିଜିଟାଲ୍ ମୌଳିକ ଢାଞ୍ଚା, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି ବିଦ୍ୟା, ଯୋଗାଯୋଗ ଏବଂ ସଂସ୍କୃତି କ୍ଷେତ୍ରରେ ଭାଗିଦାରୀ ସମ୍ପର୍କକୁ ମଜବୁତ କରିବା ଦିଗରେ ବ୍ୟାପକ ବିଚାର ବିମର୍ଷ ହୋଇଥିଲା । ସେମାନେ ମଧ୍ୟ ଆଞ୍ଚଳିକ ଓ ବିଶ୍ୱ ସ୍ତରରେ ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଉଭୟ ନେତା ମେକ୍ ଇନ୍ ଇଣ୍ଡିଆକୁ ଗୁରୁତ୍ୱ ଦେଇ ପ୍ରତିରକ୍ଷା ଭାଗିଦାରୀକୁ ଗତି ଦେବା ଉପରେ ଏକମତ ହୋଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ମାକ୍ରନ୍‌ଙ୍କୁ ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ ଓ ଭିନ୍ନକ୍ଷମ କ୍ରୀଡ଼ା ପାଇଁ ଶୁଭେଚ୍ଛା ଜଣାଇଥିଲେ ।

ପ୍ରଧାନମନ୍ତ୍ରୀ ଆଜି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ରିଶି ସୁନକଙ୍କୁ ମଧ୍ୟ ଭେଟିଥିଲେ । ପ୍ରଧାନମନ୍ତ୍ରୀ **G-7** ସମିତିର ନେତୃବୃନ୍ଦଙ୍କ ସହ ଦ୍ୱିପକ୍ଷିୟ ବୈଠକରେ ଆଲୋଚନା ପାଇଁ ଇଟାଲୀ ଗସ୍ତରେ ଯାଇଛନ୍ତି । ସାମାଜିକ

ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ମୋଦୀ, ଏନ୍.ଡି.ଏ. ସରକାରଙ୍କର ତୃତୀୟ ପାଳିରେ ଭାରତ-ୟୁ.କେ. ବ୍ୟାପକ ରଣନୀତିକ ଭାଗିଦାରୀକୁ ମଜବୁତ କରିବାର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି । ସେ କହିଛନ୍ତି, ସେମିକଣ୍ଡକ୍ଟର, ପ୍ରଯୁକ୍ତି ବିଦ୍ୟା ଏବଂ ବାଣିଜ୍ୟ କ୍ଷେତ୍ରରେ ଭାଗିଦାରୀ ସମ୍ପର୍କକୁ ମଜବୁତ କରିବା ଲାଗି ଉଭୟ ଦେଶଙ୍କ ପାଇଁ ବ୍ୟାପକ ସୁଯୋଗ ରହିଛି । ଏହାଛଡ଼ା ଉଭୟ ନେତା ପ୍ରତିରକ୍ଷା କ୍ଷେତ୍ରରେ ସହଭାଗିତା ଉପରେ ମଧ୍ୟ ବିଚାରବିମର୍ଷ କରିଥିଲେ ।

ଶ୍ରୀ ମୋଦୀ ଆଜି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନେସ୍କିଙ୍କ ସହ **G-7** ଶିଖର ସମ୍ମିଳନୀ ଅବସରରେ ଦ୍ୱିପକ୍ଷିୟ ଆଲୋଚନା କରିଛନ୍ତି । ଉଭୟ ନେତା ଦ୍ୱିପକ୍ଷିୟ ସମ୍ପର୍କର ସମୀକ୍ଷା କରିବା ସହ ୟୁକ୍ରେନ୍ ପରିସ୍ଥିତି ଉପରେ ନିଜ ନିଜର ମତ ରଖିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, କୂଟନୈତିକ ସ୍ତରରେ ଏବଂ ଆଲୋଚନା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭାରତ ତାର ଆଭିମୁଖ୍ୟ ସବୁବେଳେ ବଜାୟ ରଖିଛି ।

# ନିଟ୍

ନିଟ୍ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେ ଛାତ୍ରଛାତ୍ରୀମାନଙ୍କୁ ଆଶ୍ୱାସନା ଦେଇ କହିଛନ୍ତି, ସେମାନଙ୍କ ମନରେ ଆସୁଥିବା ସମସ୍ତ

ସଂଶୟକୁ ସରକାର ଉଚିତ୍ ଭାବେ ବିଚାର କରିବେ ଓ ପ୍ରତ୍ୟେକ ଛାତ୍ର ନ୍ୟାୟ ପାଇପାରିବେ ।  ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ପ୍ରଧାନ କହିଛନ୍ତି, ନିଟ୍ ପରୀକ୍ଷାର ସମସ୍ତ ବିଷୟ ସମ୍ପର୍କରେ ସୁପ୍ରିମ୍‌କୋର୍ଟ ଅବଗତ ଅଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କେନ୍ଦ୍ର ସରକାର ଛାତ୍ରଛାତ୍ରୀମାନଙ୍କର ହିତ ପାଇଁ ସମସ୍ତ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସେ କହିଛନ୍ତି, ନିଟ୍‌ରେ ନାମ ଲେଖା ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହେବ । କୌଣସି ଦ୍ୱନ୍ଦ୍ୱ ବିନା ଆମକୁ ଆଗକୁ ବଢ଼ିବାକୁ ହେବ । ଛାତ୍ରଛାତ୍ରୀମାନେ ନିଟ୍ ପରୀକ୍ଷା ଉପରେ ଅନିୟମିତତା ଅଭିଯୋଗ କରି ତଦନ୍ତ ଦାବି କରିବା ପରେ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ଏହି ବିବୃତ୍ତି ପ୍ରକାଶ ପାଇଛି ।

## କୁଏତ୍ ଫାୟାର୍-୧

କୁଏତ୍‌ରେ ଭୟଙ୍କର ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୪୫ ଜଣ ଭାରତୀୟ ନାଗରୀକଙ୍କ ମୃତ ଦେହ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭାରତ ଅଣାଯାଇଛି । ଏହି ସ୍ୱତନ୍ତ୍ର ବିମାନ ଆଜି ସକାଳେ କୋଚିନ୍ ଆନ୍ତର୍ଜାତିକ ବିମାନ ବନ୍ଦରରେ ଅବତରଣ କରିଥିଲା ।

କୁଏତରେ ଘଟିଥିବା ଏହି ଭୟଙ୍କର ଅଗ୍ନିକାଣ୍ଡରେ ୪୫ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିରେ  ସର୍ବାଧିକ ୨୩ ଜଣ କେରଳର ଅଧିବାସୀ ଅଟନ୍ତି । ଅନ୍ୟ ମୃତକଙ୍କ ମଧ୍ୟରେ

ତାମିଲନାଡୁରୁ ୭ ଜଣ, ଆନ୍ଧ୍ରପ୍ରଦେଶ ଏବଂ ଉତ୍ତରପ୍ରଦେଶରୁ ୩ ଜଣ ଲେଖାଏଁ, ଓଡ଼ିଶାରୁ ୨ ଜଣ ଏବଂ ବିହାର, ପଞ୍ଜାବ, କର୍ଣ୍ଣାଟକ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ହରିଆନାରୁ ଜଣେ ଲେଖାଏଁ ଅଛନ୍ତି । କେନ୍ଦ୍ର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଗତକାଲି କୁଏତରେ ପହଞ୍ଚିବା ପରେ ମୃତ ଦେହ ଗୁଡ଼ିକୁ ଆଣିବା ଲାଗି କୁଏତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

ଗତ ବୁଧବାର ଦିନ କୁଏତର ମଙ୍ଗଫ ଅଞ୍ଚଳରେ ଶ୍ରମିକମାନେ ରହୁଥିବା ଏକ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିବା ଫଳରେ ୪୫ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ଅଗ୍ନିକାଣ୍ଡ ଘଟିଥିବା ଆବାସ ସ୍ଥଳୀରେ ଶହେ ଛସ୍ତରୀ ଜଣ ଭାରତୀୟ ଶ୍ରମିକଙ୍କ ମଧ୍ୟରୁ ଆହତ ୩୩ ଜଣ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ ସେମାନେ ବିପଦମୁକ୍ତ ଥିବା କୁହାଯାଇଛି ।

## କୁଏତ୍-୨

କୁଏତ୍ ଅଗ୍ନିକାଣ୍ଡ ଘଟଣାରେ କୋଚିନ୍ ବିମାନ ବନ୍ଦରରେ ପହଞ୍ଚିଥିବା ୪୫ଟି ମୃତ ଦେହକୁ ନେବା ଲାଗି ମଞ୍ଜୁରୀ ପ୍ରଦାନ କରାଯାଇଛି । ସେହି ବିମାନରୁ କୋଚିନ୍‌ରେ ୩୧ଟି ମୃତ ଦେହକୁ ଓହ୍ଲାଇ ଦିଆଯାଇଛି । ସେଥିମଧ୍ୟରୁ ୨୩ ଜଣ କେରଳର ହୋଇଥିବା ବେଳେ ତାମିଲନାଡୁର

୭ଜଣ ଓ କର୍ଣ୍ଣାଟକର ଜଣଙ୍କର ମୃତ ଦେହ ରହିଛି । ତାମିଲନାଡୁର ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜି.ଜି.କେ.ଏସ୍. ମସ୍ତାନ ମୃତ ଦେହ ଗୁଡ଼ିକୁ ଗ୍ରହଣ କରିଛନ୍ତି । ମୃତ ଦେହ ଗୁଡ଼ିକୁ ସେମାନଙ୍କ ଜନ୍ମସ୍ଥାନକୁ ନେବା ଲାଗି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି । ଅନ୍ୟ ୧୪ଟି ମୃତ ଦେହକୁ ସେହି ବିମାନରେ ଦିଲ୍ଲୀ ନିଆଯାଇଛି । ଦିଲ୍ଲୀରେ ସମ୍ପୃକ୍ତ ମୃତ ଦେହ ଗୁଡ଼ିକୁ ବିମାନ ବନ୍ଦରରେ ରଖାଯାଇଛି ।

ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ, କେରଳର ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ ଏବଂ ତାଙ୍କ କ୍ୟାବିନେଟ୍ ସହଯୋଗୀ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ।

## ହଜ୍ ଯାତ୍ରା

ଆଜିଠାରୁ ପବିତ୍ର ହଜ୍ ଯାତ୍ରା ଆରମ୍ଭ ହୋଇଛି । ଏହି ଯାତ୍ରା ପାଞ୍ଚ ଦିନ ଧରି ଚାଲିବ । ପ୍ରାୟ ୨୦ଲକ୍ଷ ତୀର୍ଥ ଯାତ୍ରୀ ହଜ୍ ଯାତ୍ରା ଅବସରରେ ସାଉଦି ଆରବର ମୀନାରେ ଏକତ୍ରିତ ହୋଇଛନ୍ତି । ଚଳିତ ବର୍ଷ ଭାରତରୁ ୧ଲକ୍ଷ ୭୫ ହଜାରରୁ ଅଧିକ ତୀର୍ଥ ଯାତ୍ରୀ ଏହି ଯାତ୍ରାରେ ସାମିଲ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ୧ଲକ୍ଷ ୪୦ ହଜାର ୨୦ ଜଣ ଯାତ୍ରୀ

ଭାରତୀୟ ହଜ୍ କମିଟି ଜରିଆରେ ସେଠାରେ ପହଞ୍ଚିଛନ୍ତି । ଚଳିତ ବର୍ଷ ଭାରତରୁ ୫ହଜାରରୁ ଅଧିକ ମହିଳା ତୀର୍ଥଯାତ୍ରୀ କୌଣସି ପୁରୁଷ ଅଭିଭାବକ ନ ଥାଇ ହଜ୍ ଯାତ୍ରା କରୁଛନ୍ତି ।

ତୀର୍ଥ ଯାତ୍ରୀମାନେ ପବିତ୍ର ସହର ମକ୍କାରୁ ଯାତ୍ରା ଆରମ୍ଭ କରିଛନ୍ତି । ସେମାନେ ସେଠାରେ ରାତ୍ରି ଯାପନ କରିବା ପରେ ଆସନ୍ତାକାଲି ସକାଳେ ନମାଜ ପଢ଼ିବା ପାଇଁ ଆରାଫତ୍ ଗସ୍ତ କରିବେ । ଭାରତୀୟ ହଜ୍ ଯାତ୍ରୀମାନଙ୍କୁ କୌଣସି ସୂଚନା ପାଇବା ପାଇଁ ଏବଂ ଅଭିଯୋଗ କରିବା ପାଇଁ ହଜ୍ ସୁବିଧା ନାମକ ମୋବାଇଲ୍ ଆପ୍ ଲଞ୍ଚ୍ କରାଯାଇଛି ।

## ସିକ୍କିମ୍-ରେନ୍

ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ବର୍ଷା ଜନିତ ବିପର୍ଯ୍ୟୟର ମୁକାବିଲା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ଆଜି ଗ୍ୟାଙ୍ଗ୍‌ଟକ୍‌ର ମିନ୍‌ତୋକ୍‌ଗଙ୍ଗ ଠାରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ପ୍ରଳୟଙ୍କରୀ ବର୍ଷା ଯୋଗୁଁ ସେଠାରେ ସଡ଼କ ଯୋଗାଯୋଗା, ଶକ୍ତି, ଖାଦ୍ୟ ଯୋଗାଣ, ମୋବାଇଲ୍ ନେଟ୍‌ୱର୍କ ବିଚ୍ଛିନ୍ନ ହେବା ସହ ଅନେକ ସମ୍ପତ୍ତି ନଷ୍ଟ ହୋଇଛି । ସେହି ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରଭାବିତ ଲୋକମାନଙ୍କୁ ଜରୁରୀ ସହାୟତା ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଅଧିକାରୀମାନଙ୍କୁ ପ୍ରଭାବିତ ଅଞ୍ଚଳରେ ଥଇଥାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ପ୍ରମୁଖ ସମସ୍ୟା

ଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେଠାକାର ପର୍ଯ୍ୟଟନ ଏବଂ ବେସାମରିକ ବିମାନ ଚଳାଚଳ ବିଭାଗ ପ୍ରମୁଖ ସଚିବ, ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଯୋଗୁଁ ୧୫ ଜଣ ବିଦେଶୀ ପର୍ଯ୍ୟଟକ ଏବଂ ୧୨୦୦ ଜଣ ଦେଶୀୟ ପର୍ଯ୍ୟଟକ  ଉତ୍ତର ସିକ୍କିମ୍‌ର ଲାଚୁଙ୍ଗ୍‌ରେ ଅଟକି ରହିଥିବାର କହିଛନ୍ତି । ସେମାନଙ୍କୁ ଉଦ୍ଧାର କରାଯିବା ପାଇଁ ଉଦ୍ୟମ ଜାରି ରହିଛି ।

## ଜୁଏଲ୍ ଓରାମ୍

କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ଆଜି ନୂଆଦିଲ୍ଲୀରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଶ୍ରୀ ଓରାମ୍ କହିଛନ୍ତି, ତୃତୀୟ ଥର ପାଇଁ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିବା ତାଙ୍କ ପାଇଁ ସମ୍ମାନର ବିଷୟ । ଆଦିବାସୀମାନଙ୍କର ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଶ୍ରୀ ରାଓମ୍ କହିଛନ୍ତି, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁଡ଼ିକରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶକୁ ତାଙ୍କ ମନ୍ତ୍ରଣାଳୟର ପ୍ରାଥମିକତା ରହିବ ।

# ୟୁପି-୧୩ ଏମ୍‌ଏଲ୍‌ସି ଓଥ୍

ଉତ୍ତରପ୍ରଦେଶ ବିଧାନ ପରିଷଦର ୧୩ ଜଣ ନବନିର୍ବାଚିତ ସଦସ୍ୟ ଆଜି ଅପରାହ୍ଣରେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । ଶପଥ ଗ୍ରହଣ ସମାରୋହ ସଚିବାଳୟର ତିଳକ ହଲ୍‌ରେ ଅନୁଷ୍ଠିତ ହୋଇଥିଲା । ସମସ୍ତ ସଦସ୍ୟମାନଙ୍କୁ ପରିଷଦ ସଭାପତି କୁଅଁର ମାନବେନ୍ଦ୍ର ପ୍ରତାପ ସିଂହ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ଗତ ମାସରେ ପରିଷଦର ୧୩ଟି ଆସନ ଖାଲି ପଡ଼ିଥିଲା । ଏହି ଆସନ ଗୁଡ଼ିକରୁ ୧୦ ଜଣ ଏନ୍.ଡି.ଏ. ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ । ସେମାନଙ୍କ ମଧ୍ୟରୁ ଭାରତୀୟ ଜନତା ପାର୍ଟିର ୭ ଜଣ, ରାଷ୍ଟ୍ରୀୟ ଲୋକଦଳ, ସୁହାଇଲଦେବ ଭାରତୀୟ ସମାଜପାର୍ଟି ଏବଂ ଅପନା ଦଲ୍ ସୋନେଲାଲ୍ ଦଳରୁ ଜଣେ ଲେଖାଏଁ ।

ଏହାଛଡ଼ା ସମାଜବାଦୀ ଦଳରୁ ତିନୋଟି ଆସନ ପାଇଁ ପ୍ରାର୍ଥୀ ନାମଙ୍କନ ଦାଖଲ କରିଥିଲେ । ମାର୍ଚ୍ଚ ମାସ ୨୧ ତାରିଖ ଦିନ ଭୋଟ ଗ୍ରହଣ ହୋଇଥିଲା ଏବଂ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟଲାଭ କରିଥିଲେ । ୧୩ ଜଣ ବିଧାନ ପରିଷଦ ସଦସ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଡକ୍ଟର ମହିନ୍ଦ୍ର ସିଂହ, ଅଶୋକ କଟାରିୟା, ବିଜୟ ବାହାଦୂର ପାଠକ ଏବଂ ଅପନାଦଲ୍‌ର କାର୍ଯ୍ୟକାରୀ ସଭାପତି ଆଶିଶ ପଟେଲ ଆଜି ଶପଥଗ୍ରହଣ କରିଛନ୍ତି ।

# ଇପିଏଫ୍‌ଓ

କର୍ମଚାରୀ ଭବିଷ୍ୟନିଧି ସଂଗଠନରେ ସଂସ୍କାର କ୍ଷେତ୍ରର ଏକ ସମୀକ୍ଷା ବୈଠକରେ ଆଜି ଶ୍ରମ ସଚିବ ସୁମିତା ଦଓରା ସଭାପତିତ୍ୱ କରିଛନ୍ତି । ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟ ଏକ ପ୍ରେସ୍ ବିବୃତ୍ତିରେ ସଦସ୍ୟମାନଙ୍କର ସାମାଜିକ ନିରାପତ୍ତା ଏବଂ ଜୀବନଧାରଣର ମାନରେ ଉନ୍ନତିର ସମ୍ପ୍ରସାରଣର ଆବଶ୍ୟକତା ଉପରେ ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯାଇଥିବା କହିଛି । ଚିକିତ୍ସା, ଶିକ୍ଷା, ବିବାହ ଏବଂ ଗୃହ ନିର୍ମାଣ କ୍ଷେତ୍ରରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଗ୍ରିମ ଦାବି ସ୍ୱୟଂକ୍ରିୟ ଭାବେ ସମାଧାନ ହୋଇପାରୁଛି । ସଦସ୍ୟମାନଙ୍କର ବିଭିନ୍ନ ଦାବି ଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସଂଗଠନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ମନ୍ତ୍ରଣାଳୟ ପୁଣି କହିଛି, ଆଜି ସୁଦ୍ଧା ସ୍ୱୟଂକ୍ରିୟ ଭାବେ ୫୦ ପ୍ରତିଶତରୁ ଅଧିକ ଚିକିତ୍ସା ସମ୍ବନ୍ଧୀୟ ଦାବି ସମେତ ୨୫ଲକ୍ଷ ଅଗ୍ରିମ ଦାବି ସମାଧାନ ହୋଇପାରିଛି । ମନ୍ତ୍ରଣାଳୟ  କହିଛି, ଏହାଦ୍ୱାରା ଦାବି ସମାଧାନ ଶୀଘ୍ର ହେବା ସହ କିଛି ଦାବି ତିନି ଦିନ ମଧ୍ୟରେ ସମାଧାନ ହୋଇପାରୁଛି ।